# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 March - 2026

*********************************

## ମୁଖ୍ୟ ସମ୍ବାଦ

- କଟକ ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ବିଧାନସଭାରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ
- ବିଭିନ୍ନ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ୫୨ ଲକ୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି; କହିଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟର ତିନୋଟି ଜିଲ୍ଲାରେ ୪୦୭ ନିୟୁତ ଟନ ବିରଳ ମୃତ୍ତିକା ଗଚ୍ଛିତ ରହିଥିବା ନେଇ ଖଣି ମନ୍ତ୍ରୀଙ୍କ ସୂଚନା

ଏବଂ

- କାଳବୈଶାଖୀ ପ୍ରଭାବରେ ଆସନ୍ତା ଚାରି ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା

# ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ନବମ ଦିନରେ ଆଜି କଟକ ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିରୋଧୀ ଦଳ ପକ୍ଷରୁ ହଟ୍ଟଗୋଳ ସୃଷ୍ଟି କରାଯିବାରୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବାଚସ୍ପତି ସୁରମା ପାଢ଼ି ବିରୋଧୀ ଦଳ ସଦସ୍ୟମାନଙ୍କୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ନିବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗୃହକୁ ୧୦ଟା ୪୩ ମିନିଟ୍‌ରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ପରେ ୧୧ଟା ୩୦ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ପୂର୍ବଭଳି ସମାନ ଢଙ୍ଗରେ ବିରୋଧୀ ଦଳ ସଦସ୍ୟମାନେ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ସ୍ଲୋଗାନ ଦେଇଥିଲେ। ଗୃହରେ ଅଚଳାବସ୍ଥା ସୃଷ୍ଟି ହେବାରୁ ବାଚସ୍ପତି ଶ୍ରୀମତୀ ପାଢ଼ି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ ବିରୋଧୀ ଦଳ ଉପନେତା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ, ଆଇନମନ୍ତ୍ରୀ, ସରକାରୀ ମୁଖ୍ୟ ସଚେତକ ପ୍ରମୁଖ ଯୋଗ ଦେଇଥିଲେ। ଏ ନେଇ ଗୃହକୁ ୧୧ଟା ୫୬ ମିନିଟ୍‌ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

ଜଗତସିଂହପୁର ଜିଲ୍ଲାର ଅଳକା ନଦୀ ତଟବର୍ତ୍ତୀ ଅଞ୍ଚଳରେ ପ୍ରଭାବଶାଳୀ ମାଫିଆଙ୍କ ଦ୍ୱାରା ନଦୀପଠା ଓ ଉପକୂଳବର୍ତ୍ତୀ ଅଞ୍ଚଳର ବହୁ ଜମି ଜବରଦଖଲ ହୋଇଥିବା ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୃହରେ ପ୍ରକାଶ କରିଛନ୍ତି । ସଦସ୍ୟ ଅମରେନ୍ଦ୍ର ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ଅଳକା ନଦୀର ତଟବର୍ତ୍ତୀ ଅଞ୍ଚଳରେ ମାଫିଆଙ୍କ ଦ୍ୱାରା ଜମି ଜବରଦଖଲ ହୋଇଥିବା ଅଭିଯୋଗ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ସମ୍ପୃକ୍ତ ଅଞ୍ଚଳରେ କିଛି ସରକାରୀ ଜମି ମାଫିଆଙ୍କ ଦ୍ୱାରା ବିକ୍ରି କରାଯାଇଥିବା ଅଭିଯୋଗର ତଦନ୍ତ କରିବାକୁ ବାଚସ୍ପତି ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଅପରାହ୍ନ ଗୋଟାଏରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପରିସ୍ଥିତି ପୂର୍ବପରି ଜାରି ରହିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

BBSR/R

## ବିଧାନସଭା–ଜମି ସେଚ ସାମର୍ଥ୍ୟ

ରାଜ୍ୟର ଗତବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ପ୍ରାୟ ୫୨ ଲକ୍ଷ ୧୦ ହଜାର ୫୭୦ ହେକ୍ଟର ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରାଯାଇଛି ବୋଲି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୃହରେ ଲିଖିତ ଉତ୍ତର ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ବୃହତ ଉଠାଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ଅନ୍ୟାନ୍ୟ ଉତ୍ସ ମାଧ୍ୟମରେ ଏହି ସାମର୍ଥ୍ୟ ସୃଷ୍ଟି ହୋଇଛି। ବରଗଡ଼ରେ ସର୍ବାଧିକ ୪ଲକ୍ଷ ୧୪ ହଜାର ୪୯୮ ହେକ୍ଟର ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଜଳସେଚନ ବୃଦ୍ଧି କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ବିଭିନ୍ନ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପ୍ରାୟ ୨ ଦଶମିକ ୭/୭ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ୨୫ଟି ବ୍ଲକରେ ବର୍ତ୍ତମାନ ସୁଦ୍ଧା ୩୫ ପ୍ରତିଶତ ଜଳସେଚନ ହୋଇପାରି ନ ଥିବା ମୁଖ୍ୟମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

BBSR/R

## ବିଧାନସଭା-ଜଳପଥ

ରାଜ୍ୟରେ ଜଳପଥର ବିକାଶ ପାଇଁ ଜାତୀୟ ଜଳମାର୍ଗ ନୀତି ୨୦୧୬ ଅଧୀନରେ କେନ୍ଦ୍ର ସରକାର ୬ଟି ଜଳମାର୍ଗକୁ ଜାତୀୟ ଜଳମାର୍ଗ ରୂପେ ଘୋଷଣା କରିଛନ୍ତି ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜେନା କହିଛନ୍ତି, ଜାତୀୟ ଜଳମାର୍ଗ-୫, ୧୪, ୨୨, ୨୩, ୬୪ ଓ ୯୬ରର ବିକାଶ ପାଇଁ ୧୨ ହଜାର ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ଏହାଦ୍ୱାରା ସଡ଼କ ଓ ରେଳପଥ ଉପରେ ଥିବା ପରିବହନ ଚାପକୁ ହ୍ରାସ କରାଯାଇ ବ୍ୟୟ ଓ ସମୟକୁ କମ୍ କରାଯାଇପାରିବ। ରାଜ୍ୟର ବିଭିନ୍ନ ପରିବହନ ପ୍ରକଳ୍ପକୁ ସଂଯୋଗ, ଶିଳ୍ପ ଗତିଶୀଳତା, ଅର୍ଥନୈତିକ ଅଭିବୃଦ୍ଧି କରିବା ସହିତ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟିରେ ଏହା ସହାୟକ ହେବ ବୋଲି ମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି।

BBSR/R

## ବିଧାନସଭା– ଅଣବୃହତ ବନ୍ଦର

ରାଜ୍ୟରେ ଅଣବୃହତ ବନ୍ଦରର ବିକାଶ ପାଇଁ ସରକାର ୧୪ଟି ସ୍ଥାନ ନିରୂପଣ କରି ବିଜ୍ଞପ୍ତି ପ୍ରକାଶ କରିଛନ୍ତି ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହରେ ପ୍ରକାଶ କରିଛନ୍ତି। ସଦସ୍ୟ ପ୍ରଶାନ୍ତ ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜେନା କହିଛନ୍ତି, ବର୍ତ୍ତମାନ ଦୁଇଟି ଅଣବୃହତ ବନ୍ଦର ଧାମରା ଓ ଗୋପାଳପୁରଠାରେ କାର୍ଯ୍ୟକ୍ଷମ ରହିଛି। ସୁବର୍ଣ୍ଣରେଖା ମୁହାଣ ଓ ଅସ୍ତରଙ୍ଗଠାରେ ଅନ୍ୟ ଦୁଇଟି ଅଣବୃହତ ବନ୍ଦରର ପ୍ରତିଷ୍ଠା ନିମିତ୍ତ କାର୍ଯ୍ୟ ଜାରି ରହିଛି। ଜଗତସିଂହପୁର ଜିଲ୍ଲାର ଜଟ୍ଟାଧାରୀ ମୁହାଁଣଠାରେ ଏମ୍.ଏସ୍.ଜେ.ଏସ୍.ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍ ଦ୍ୱାରା ପ୍ରସ୍ତାବିତ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ପଣ୍ୟ ପରିବହନ ପାଇଁ ଏହି କମ୍ପାନୀ ଏକ ନିଜସ୍ୱ ଜେଟି ସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କ ସହିତ ଏକ ରିହାତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଁଣଠାରେ ଏକ ବନ୍ଦର ପ୍ରତିଷ୍ଠା ନିମିତ୍ତ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ, ଓଡ଼ିଶା ମାରିଟାଇମ୍ ବୋର୍ଡ ଏବଂ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ

ମନ୍ତ୍ରଣାଳୟ ଅଧୀନସ୍ଥ ସାଗରମାଳା ଫାଇନାନ୍ସ କର୍ପୋରେସନ୍ ଲିମିଟେଡ୍ ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

BBSR/R

## ବିଧାନସଭା– ଖଣି

ରାଜ୍ୟର ୩ଟି ଜିଲ୍ଲାରେ ୪୦୭ ନିୟୁତ ଟନ୍‌ର ବିରଳ ମୃତ୍ତିକା ଗଚ୍ଛିତ ରହିଛି ବୋଲି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ବିଧାନସଭାରେ ସଦସ୍ୟ ଧ୍ରୁବଚରଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଏବଂ ଆଣବିକ ଖଣିଜ ନିର୍ଦ୍ଦେଶାଳୟଙ୍କ ଦ୍ୱାରା ଅନ୍ୱେଷଣ କରାଯାଇ ଗଞ୍ଜାମ, ପୁରୀ ଏବଂ ଜଗତସିଂହପୁର ଜିଲ୍ଲାର ସମୁଦ୍ର ତଟବର୍ତ୍ତୀ ବେଳାଭୂମିରେ ୪୦୭ ଦଶମିକ ୭/୨/୨ ନିୟୁତ ଟନ୍‌ର ବିରଳ ମୃତ୍ତିକା ଗଚ୍ଛିତ ଥିବାର ଆକଳନ କରାଯାଇଛି । ବିଭିନ୍ନ ଅନୁସନ୍ଧାନକାରୀ ସଂସ୍ଥା ଦ୍ୱାରା ବିଭିନ୍ନ ସ୍ତରରେ ଅନୁସନ୍ଧାନ କରାଯାଇଛି । ସେଥିମଧ୍ୟରୁ ୮ ଗୋଟି ବ୍ଲକର ନିଲାମୀ ପ୍ରକ୍ରିୟା ଶେଷ ହୋଇଛି । ଅନ୍ୟ ଦୁଇଟି ବ୍ଲକକୁ ଏଥିରେ ସାମିଲ କରାଯାଇଛି । ଏହା ବ୍ୟତୀତ ୧୦ ଗୋଟି ବ୍ଲକକୁ ନିଲାମ କରିବା ପାଇଁ ପ୍ରକ୍ରିୟା ଚାଲୁ ରହିଛି ବୋଲି ମନ୍ତ୍ରୀ କହିଛନ୍ତି । ଅପରପକ୍ଷେ ଭାରତୀୟ ବିରଳ ମୃତ୍ତିକା ଲିମିଟେଡ୍ ଦ୍ୱାରା ଗଞ୍ଜାମ ଜିଲ୍ଲାର ମାଟିଖାଲଠାରେ ଏକ ପ୍ରକ୍ରିୟାକରଣ କାରଖାନା ସ୍ଥାପନ ହୋଇଛି । ବଲାଙ୍ଗୀର ଜିଲ୍ଲାରେ ୩ଟି, କୋରାପୁଟ ଓ ରାୟଗଡ଼ା

ଜିଲ୍ଲାରେ ଗୋଟିଏ ଲେଖାଏଁ ଲାଭକାରୀ କାରଖାନା ସ୍ଥାପନ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ଜେନା ଗୃହରେ କହିଛନ୍ତି।

BBSR/R

## ବିଧାନସଭା– ରାଡାର ସେଣ୍ଟର

ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟର ଅଗ୍ରୀମ ସୂଚନା ପାଇଁ ଗୋପାଳପୁରଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ଡପଲର୍ ଓ୍ୱେଦର ରାଡାର ସେଣ୍ଟର ସ୍ଥାପନ କରାଯାଇଛି। ଏଥିସହିତ ବାଲେଶ୍ୱର ଓ ସମ୍ବଲପୁରଠାରେ ଡପଲର୍ ଓ୍ୱେଦର ରାଡାର ସେଣ୍ଟର କାର୍ଯ୍ୟ ନିର୍ମାଣାଧୀନ ରହିଛି ବୋଲି ଆଜି ବିଧାନସଭାରେ ସଦସ୍ୟ ତାରା ପ୍ରସାଦ ବାହିନୀଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରସ୍ଥିତ ରୋଟି କ୍ୟାମ୍ପସରେ ଏକ ଏକ୍ସ ବ୍ୟାନ୍ ଡପଲର୍ ଓ୍ୱେଦର ରାଡାର ସେଣ୍ଟର ସ୍ଥାପନ ପାଇଁ ସରକାରଙ୍କ ମଞ୍ଜୁରୀ ମିଳିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଗୃହରେ ସୂଚନା ଦେଇଛନ୍ତି।

BBSR/R

## ବିଧାନସଭା- ସଡ଼କ ଦୁର୍ଘଟଣା

ଦ୍ରୁତ ଗାଡ଼ିଚାଳନା ପାଇଁ ଗତ ବର୍ଷ ରାଜ୍ୟରେ ୪ ହଜାର ୧୮୯ଟି ଦୁର୍ଘଟଣା ଘଟିଛି ବୋଲି ସଡ଼କ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହରେ ପ୍ରକାଶ କରିଛନ୍ତି। ଶ୍ରୀ ଜେନା କହିଛନ୍ତି, ୨୦୨୪ ତୁଳନାରେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଛି। ରାଜ୍ୟ କ୍ରାଇମ ବ୍ରାଞ୍ଚଠାରୁ ଉପଲବ୍ଧ ୨୦୨୫ ମସିହାର ପ୍ରୋଭିଜିନାଲ ସଡ଼କ ଦୁର୍ଘଟଣା ଜନିତ ତଥ୍ୟ

ଅନୁଯାୟୀ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ପ୍ରତିଦିନ ହାରାହାରି ୧୮ ଜଣ ବ୍ୟକ୍ତି ପ୍ରାଣ ହରାଉଛନ୍ତି ।

Desk

# ରାଷ୍ଟ୍ରୀୟ ନବବର୍ଷ ଅଭିନନ୍ଦନ

ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ଆଜି ରାଷ୍ଟ୍ରୀୟ ନବବର୍ଷ  ପାଳନ କରାଯାଉଛି । ସନାତନ ସଂସ୍କୃତିରେ ଏହି ପବିତ୍ର ତିଥି କେବଳ ଏକ କାଳଖଣ୍ଡର ପରିବର୍ତ୍ତନ ନୁହେଁ ବରଂ ଏହା ହେଉଛି ସୃଷ୍ଟିର ପ୍ରାରମ୍ଭ ଓ ନୂତନ ସଂକଳ୍ପର ଦିବସ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ଦେଶର ଐତିହାସିକ, ସଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାରେ ଗୁରୁତ୍ୱ ବହନ କରୁଥିବା ଆଜିର ଦିନ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ । ବସୁଧୈବ କୁଟୁମ୍ବକମ୍ ଭାବନାରେ ଅନୁପ୍ରାଣିତ ହୋଇ ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଆଗେଇ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

Raygada

## ଜନଗଣନା–ତାଲିମ କାର୍ଯ୍ୟକ୍ରମ

ଆସନ୍ତା ମାସରେ ହେବାକୁ ଥିବା ଜନଗଣନା ନେଇ ଆଜି ରାୟଗଡ଼ା ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୬ଟି

କେନ୍ଦ୍ରରେ ତାଲିମ ଆରମ୍ଭ ହୋଇଥିବା ବେଳେ ତିନୋଟି ପର୍ଯ୍ୟାୟରେ ୫୩ଟି କେନ୍ଦ୍ରରେ ମୋଟ ୨ ହଜାର ୪୪୦ ଜଣ ତାଲିମ ଗ୍ରହଣ କରିବେ। ପରେ ଜିଲ୍ଲାର ୧୧ଟି ବ୍ଲକ ୨ଟି ମ୍ୟୁନିସିପାଲଟି ଓ ଏନ୍.ଏସିରେ ଏହି ଜନଗଣନା କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରାଯିବ।

Ganjam

## କୃତ୍ରିମ ବୁଦ୍ଧିମତା

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ସଦଭାବନା ସଭାଗୃହରେ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଭି.କୀର୍ତ୍ତିଭ୍ୱାସନ ଯୋଗଦେଇ କୃତ୍ରିମ ବୁଦ୍ଧିମତା ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ଜିଲ୍ଲାର ୫୦ ଜଣ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

Koraput

## ଜିଲ୍ଲାସ୍ତରୀୟ କର୍ମଶାଳା

ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ଡକ୍ଟର ମୃଣାଳିନୀ ଦର୍ସ୍ୱାଲ ଆଜି କୋରାପୁଟ ଜିଲ୍ଲା ଗସ୍ତରେ ଆସି ସୁପୋଷିତ ଓଡ଼ିଶା ମିଶନ ଜିଲ୍ଲାସ୍ତରୀୟ କର୍ମଶାଳାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ କମିଶନର ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ମହିଳାମାନଙ୍କୁ ସୁରକ୍ଷା, ସମୃଦ୍ଧି ଏବଂ ଅର୍ଥନୈତିକ ପ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

DHNKL

# ଆଦ୍ମିକ ଯୋଜନା

ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ଢେଙ୍କାନାଳ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ଶିଶୁ ଗୃହ, କନ୍ୟାଶ୍ରମ ଓ ବିଦ୍ୟାଳୟର ପରିଦର୍ଶନ କରିଛନ୍ତି। ଜିଲ୍ଲା କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଜିଲ୍ଲାରେ ଆଦ୍ମିକା ଯୋଜନାର କାର୍ଯ୍ୟକାରିତା ସହ ଆୟୋଗ ଅଧ୍ୟକ୍ଷା କନ୍ୟାଶ୍ରମ ତଥା ଶିଶୁ ଗୃହଗୁଡ଼ିକରେ ପାନୀୟ ଜଳ ଯୋଗାଣ ଓ ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

Nabarangpur

# ଔଷଧ ଦୋକାନ ଯାଞ୍ଚ

ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଔଷଧ ଦୋକାନଗୁଡ଼ିକରେ ଡ୍ରଗ୍ସ ଓ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ଡାକ୍ତରଙ୍କ ବିନା ପ୍ରେସକ୍ରିପସନ୍‌ରେ ଔଷଧ ବିକ୍ରି, ମହଜୁଦ ରହିଥିବା ଔଷଧ, ବିଲ୍, ନିଦ ଔଷଧ ଆଦି ବିଭିନ୍ନ କ୍ଷେତ୍ର ଉପରେ ସେମାନେ ଯାଞ୍ଚ କରିଛନ୍ତି।

BHK

# ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଶାକର୍ମୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଚାଇଲ୍ଡ ଲାଇନ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୭ଟି ବ୍ଲକର ଆଶାକର୍ମୀ ଯୋଗ ଦେଇଥିଲେ ।

HS

## ପାଣିପାଗ

ରାଜ୍ୟରେ କାଳବୈଶାଖୀର ପ୍ରଭାବ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତ ୨୪ ଘଣ୍ଟାରେ ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି । କୋରାପୁଟ ଜିଲ୍ଲା ବୋରିଗୁମ୍ମାଠାରେ ସର୍ବାଧିକ ୫୭ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଦକ୍ଷିଣ ଓଡ଼ିଶା ଓ ଉତ୍ତର ଉପକୂଳବର୍ତ୍ତୀ ଅଂଚଳର ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।